# କେତେ ଦୂର[୧]

ଗୋଟାଏ ପଟେ
ସାପ ତ
ଆଉ ଗୋଟାଏ ପଟେ ସିଡ଼ି
ମଝିରେ ମୁଁ । ।

କିଛି ଦୂରରେ ମୃତ୍ୟୁ
ଠିକ୍ ସେହି ଦୂରରେ ଜୀବନ । ।
ଜଣେ ଡାକୁଛି ଆ' ଆ
ଥକି ଗଲୁଣି,
ଆଉ ଜଣେ ଡାକୁଛି ଆ' ଆ
ଆକାଶ ଛୁଇଁବା ବାକି ଅଛି । ।

ଘୁଂଚି ଘଂଚି
ପାଖକୁ
ପାଖକୁ
ଚାଲି ଆସୁଛନ୍ତି
ଉଭୟ ବିଷ ଓ ବିଶ୍ୱାସ । ।
ମୁଁ ଚୁପ୍ ଚାପ୍ ଦେଖୁଛି
କେତେ ଦୂର
ମୃତ୍ୟୁ ଠୁଁ ଜୀବନ ।

---

[୧] ସମ୍ବାଦ–୧୨–୭–୯୮